# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 18 September – 2025

## ବିଧାନସଭା

ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଅଧିବେଶନରେ ମୋଟ୍ ୭ଟି କାର୍ଯ୍ୟଦିବସ ରହିଛି। ଆଜି ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଶୋକପ୍ରସ୍ତାବ ଆଗତ କରିବେ । ବିଧାନସଭା ଅଧିବେଶନକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।

## ରତ୍ନଭଣ୍ଡାର ସବ୍‌କମିଟି ବୈଠକ

ପୁରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ରତ୍ନଭଣ୍ଡାର ସବ୍‌କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୩ ତାରିଖରେ ଅମୃତବେଳାରେ ଶ୍ରୀମନ୍ଦିରର ସ୍ଥାୟୀ ରତ୍ନ ଭଣ୍ଡାରକୁ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ସ୍ଥାନାନ୍ତର କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଶ୍ରୀ ପାଢ଼ୀ କହିଛନ୍ତି ସ୍ଥାନାନ୍ତର ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ।

**V/O**

## ଶ୍ରୀମନ୍ଦିର ଧାଡ଼ି ଦର୍ଶନ

ଶ୍ରୀମନ୍ଦିର ଭିତରେ ଥିବା ହୁଣ୍ଡି ଯୋଗୁଁ ଧାଡ଼ି ଦର୍ଶନ ସମ୍ଭବ ହୋଇପାରୁନଥିବାରୁ ହୁଣ୍ଡିକୁ ସ୍ଥାନାନ୍ତର କରାଯିବ ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଶ୍ରୀମନ୍ଦିର ପ୍ରଶାସନ ଓ ନିଯୋଗ ମାନଙ୍କ ସହ ଆଲୋଚନା ପରେ ହୁଣ୍ଡି ସ୍ଥାନାନ୍ତର କରାଯିବ । ଏହାପରେ ପରୀକ୍ଷାମୂଳକ ଭାବେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ ।

## ଟଙ୍କା ମଞ୍ଜୁର

ରାଜ୍ୟର ୧୭ଟି ଜିଲ୍ଲାର ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଅନ୍ୱେଷା ଯୋଜନାରେ ପ୍ରାକ୍ ମେଟ୍ରିକ୍ ଛାତ୍ରବୃତ୍ତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ବାବଦକୁ ସରକାର ୫୦ହଜାର ୬୩କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏନେଇ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ରାଜ୍ୟ ସରକାର ଛାତ୍ରଛାତ୍ରୀମାନଙ୍କ ହିତକୁ ସବୁବେଳେ ଗୁରୁତ୍ୱ ଦେଇଆସୁଛନ୍ତି । ଏ ସମ୍ପର୍କରେ ବିଭାଗ ପକ୍ଷରୁ ମହାଲେଖାଗାରଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି ।

# ଛାତ୍ରଛାତ୍ରୀଙ୍କୁ ମାଗଣା ବସ୍ ସେବା

ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ଅଧୀନରେ ଛାତ୍ରଛାତ୍ରୀ ମାନଙ୍କୁ ମାଗଣା ବସ୍ ସେବା ମିଳିବ । ଏନେଇ ଗତ ଅଗଷ୍ଟ ମାସ ୨୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଥିଲା ।

# ଚାରାରୋପଣ-ରେକର୍ଡ

ସେବା ପକ୍ଷର ଶୁଭାରମ୍ଭ ଅବସରରେ 'ଏକ୍ ପେଡ୍ ମାଁ କେ ନାମ୍' କାର୍ଯ୍ୟକ୍ରମରେ ରାଜ୍ୟରେ ମାତ୍ର ୧୨ଘଣ୍ଟା ଭିତରେ ଦେଢ଼କୋଟି ଚାରାରୋପଣ କରାଯାଇ ନୂଆ ରେକର୍ଡ ସୃଷ୍ଟି ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିବସ ଉପଲକ୍ଷେ ୭୫ଲକ୍ଷ ଚାରାରୋପଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଥିଲେ ।

# ଉପକରଣ ବଣ୍ଟନ

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ବଲାଙ୍ଗୀର ସାଂସଦ ସଂଗିତା ସିଂହଦେଓ ବଲାଙ୍ଗୀରରେ ଦିବ୍ୟାଙ୍ଗମାନଙ୍କ ପାଇଁ ବିଭିନ୍ନ ଉପକରଣ ବଣ୍ଟନ କରିଛନ୍ତି । ୨୧୬ଜଣ ହିତାଧିକାରୀଙ୍କୁ ୨୩ଲକ୍ଷ ଟଙ୍କାର ୧ହଜାର ୭୬ଟି ଉପକରଣ ବଣ୍ଟନ କରାଯାଇଥିଲା ।

# ଭାରତୀୟ ସଡ଼କ କଂଗ୍ରେସ

ଭୁବନେଶ୍ୱର ଜନତା ମଇଦାନରେ ଆସନ୍ତା ନଭେମ୍ବର ମାସ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଭାରତୀୟ ସଡ଼କ କଂଗ୍ରେସର ୮୪ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହେବ । ଏନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମ୍ମିଳନୀକୁ ସୁଚାରୁରୂପେ ଆୟୋଜନ ପାଇଁ ବିଭିନ୍ନ କମିଟିର ଗଠନ କରାଯାଇଛି ।

# ଇଗ୍ନୋ

ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଇଗ୍ନୋର ଜୁଲାଇ ୨୦୨୫ ଶିକ୍ଷାସତ୍ର ପାଇଁ ନାମଲେଖା ଅବଧିକୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଛାତ୍ରଛାତ୍ରୀମାନେ ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଇଗ୍ନୋର ୱେବ୍‌ସାଇଟ୍‌ରେ ଆବେଦନ କରିପାରିବେ ।

# ଜିଏସ୍‌ଟି-ଆଲୋଚନା

ଦ୍ରବ୍ୟ ଓ ସେବାକର ଜିଏସ୍‌ଟି ସଂସ୍କାର ନେଇ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ସହ ବାଲିଗୁଡ଼ା ବଣିକ ସଂଘର ଆଲୋଚନା ହୋଇଛି । ଏଥିରେ ବାଲିଗୁଡା ବଣିକ ସଂଘର ସଭାପତି, ସଂପାଦକ, କ୍ଷୁଦ୍ର ବଣିକ ସଂଘର ସଭାପତିଙ୍କ ସମେତ ସହରର ବହୁ ବ୍ୟବସାୟୀ ଯୋଗ ଦେଇଥିଲେ ।

# ଭୂସ୍ଖଳନ

କନ୍ଧମାଳ ଜିଲ୍ଲା କଳିଙ୍ଗା ଘାଟିରେ ଭୂସ୍ଖଳନ ହୋଇଛି । ଏହାଦ୍ୱାରା ୧୫୭ ନମ୍ବର ଜାତୀୟ ରାଜପଥରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଲଗାଣ ବର୍ଷା ଯୋଗୁଁ ମରାମତି କାର୍ଯ୍ୟ ବିଳମ୍ବ ହେଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

# ବିଶ୍ୱ ବାଉଁଶ ଦିବସ

ପ୍ରକୃତି ପାଇଁ ବାଉଁଶର ଗୁରୁତ୍ୱ ବିଷୟରେ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଆଜି ବିଶ୍ୱ ବାଉଁଶ ଦିବସ ପାଳନ କରାଯାଉଛି । ୨୦୦୯ ମସିହାରେ ପ୍ରଥମଥର ପାଇଁ ବାଉଁଶ ଦିବସ ପାଳନ କରାଯାଇଥିଲା । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ପରବର୍ତ୍ତୀ ପୀଢ଼ିର ବାଉଁଶ; ସମାଧାନ, ନବସୃଜନ ଏବଂ ରୂପରେଖ' ।

ବାଉଁଶ କାରିଗରଙ୍କୁ ସ୍ୱାବଲମ୍ବୀ କରିବା ତଥା ଏ କ୍ଷେତ୍ରରେ ଜୀବନ ଜୀବିକା ବୃଦ୍ଧି କରିବା ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ବାଉଁଶ ମିଶନ କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନା ଅଧିନରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଆର୍ଥିକ ଅନୁଦାନ ପ୍ରଦାନ କରିଥାନ୍ତି।

# ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ

ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ବିଡିଓ ଆଶିଷ ତ୍ରିପାଠୀଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ ।

## ପ୍ରୋ୨୦ କ୍ରିକେଟ୍ ଲିଗ୍

କଟକ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ପ୍ରୋ୨୦ କ୍ରିକେଟ୍ ଲିଗ୍‌କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଏହି ପ୍ରତିଯୋଗିତା ଆଗାମୀ ଦିନରେ ରାଜ୍ୟରୁ ଅନ୍ତର୍ଜାତୀୟ ସ୍ତରର ଖେଳାଳି ସୃଷ୍ଟି କରିବାରେ ସହାୟକ ହେବ । ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ୍ ୬ଟି ଦଳ ଅଂଶଗ୍ରହଣ କରିଛନ୍ତି ।